# ଆଦିବାସୀ ମେଳାର ୧୩ଶ ସଂଧ୍ୟା

# ଜନଜାତି ଜୀବନ ଯାତ୍ରାର ନିଛକ ପ୍ରତିଛବି

ରାଜଧାନୀର ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଆଜି ତେର ଦିନରେ ପହଂଚିଥିବା ବେଳେ ବିଭିନ୍ନ ଷ୍ଟଲରେ କିଣାବିକା ଜମିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ଆକର୍ଷିତ କରିଥିଲା । ବିଶେଷ କରି ଆଦିବାସୀ ଗାଁ ଓ ଆଦିବାସୀ ହାଟରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ଜନଜାତି ସମାଜରେ ମେଳାର ମହତ୍ୱ ସବୁଠାରୁ ଅଧିକ । ସେମାନଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନଧାରାରେ ଆଦିବାସୀ ମେଳା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମିଳାମିଶାର ଭାବ ବନ୍ଧନକୁ ସୁଦୃଢ଼ କରିବାରେ ସେତୁ ପାଲଟିଛି ଏହି ମେଳା । ଜନଜାତି ଅଧ୍ୟୁଷିତ ଅଚଂଳରେ ମେଳା ଯେଉଁ ରୀତିନୀତି ଅନୁଯାୟୀ ଆୟୋଜିତ ହୁଏ, ତାହା ଅନ୍ୟ ମେଳାଠାରୁ କିଛିଟା ଭିନ୍ନ । ମେଳା ଆରମ୍ଭ ପୂର୍ବରୁ ଗ୍ରାମ ଦେବଦେବୀଙ୍କୁ ଆବାହନ କରାଯାଏ । ପାଖ ପଡ଼ିଶା ଗ୍ରାମର ସମସ୍ତ ଦେବାଦେବୀ ନିମନ୍ତ୍ରିତ ହୋଇ ଆସନ୍ତି ମେଳା ନିକଟବର୍ତୀ ନିର୍ଦ୍ଧାରିତ ସ୍ଥାନକୁ । ମେଳା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେଥିପାଇଁ ସମସ୍ତେ ଦେବାଦେବୀଙ୍କୁ ଆଶିଷ କାମନା କରନ୍ତି । ରାଜଧାନୀରେ ଆୟୋଜିତ ଆଦିବାସୀ ମେଳାରେ ସେହି ପରଂପରା ଦେଖିବାକୁ ମିଳିଛି । ନିର୍ଦ୍ଧାରିତ ସ୍ଥାନରେ ଦେବାଦେବୀଙ୍କୁ ଆସୀନ କରାଇ ପ୍ରତ୍ୟେକ ଜନଜାତି ବର୍ଗ ସେମାନଙ୍କ ଅଭୀପ୍ସା ପୂରଣ ନିମନ୍ତେ କାମନା କରିଛନ୍ତି । ମେଳାରେ ପ୍ରଦର୍ଶିତ ଆଦିବାସୀ ଗ୍ରାମପୁଞ୍ଜରେ ବିଭିନ୍ନ ସଂପ୍ରଦାୟର ଗ୍ରାମଦେବତା ଅଧିଷ୍ଠିତ ହୋଇଛନ୍ତି । ସେମାନେ ଆସ୍ଥାନରେ ଆରୁଢ ହୋଇ ସମଗ୍ର ପ୍ରଦର୍ଶନୀ ପଡ଼ିଆର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି ।

ଗତ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରୁ ପନ୍ଦର ଦିନ ପାଇଁ ଆୟୋଜିତ ହୋଇଥିବା ଏହି ମେଳା ପ୍ରଥମ ସଂଧ୍ୟାରୁ ହିଁ ମୁଖରିତ ଓ ଚଳଚଂଚଳ ରହିଛି । ରାଜ୍ୟର ପ୍ରତି ବର୍ଗର ଆଦିବାସୀଙ୍କ ନୃତ୍ୟ, ବାଦ୍ୟ ଓ ସଂଗୀତରେ ମତୁଆଲା ହେଉଛନ୍ତି ଦର୍ଶକ । ସହରୀ ସଭ୍ୟତା ଓ ଆଡ଼ମ୍ବର ଠାରୁ ବହୁ ଦୂରରେ ଥାଇ ବଂଚିବାର ରାହା ଖୋଜୁଥିବା ଏହି ଶାନ୍ତ ସରଳ ଆଦିବାସୀ ମଣିଷଙ୍କ ପାଇଁ ସେମାନଙ୍କ ପାରମ୍ପରିକ ନୃତ୍ୟ ଓ ସଂଗୀତ ଯେପରି ଅସ୍ଥି ମଜ୍ଜାଗତ ହୋଇଛି, ଯାହାର ନିଛକ ପ୍ରତିଛବି ଦେଖିବାକୁ ମିଳୁଛି ଆଦିବାସୀ ମେଳାରେ । ଆଜି ତ୍ରୟୋଦଶ ସଂଧ୍ୟାରେ ଆକର୍ଷଣର କେନ୍ଦ୍ରସ୍ଥଳ ପାଲଟିଥିଲା ଚିତ୍ରକଳା ଗ୍ୟାଲେରୀରେ ପ୍ରଦର୍ଶିତ ବିଭିନ୍ନ ଜନଜାତି ସଂସ୍କୃତିର କିଛି ବଛା ବଛା ଚିତ୍ର । ଓଡ଼ିଶାର ବିଭିନ୍ନ ଜନଜାତିଙ୍କ ପୂଜା ପାର୍ବଣ, ଜୀବନଯାତ୍ରା ତଥା ରୀତିନୀତି ଉପରେ ପ୍ରଦର୍ଶିତ ଏହି ଫଟୋଚିତ୍ର ଗୁଡ଼ିକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ସବୁ ସଂଧ୍ୟା ପରି ମେଳାରେ ଖୋଲିଥିବା ଖାଦ୍ୟ ବଜାରରେ ଆଜି ମଧ୍ୟ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ ସହସ୍ରାଧିକ ଦର୍ଶକ ।

***